# ମୋହନା, ଚିକିଟିରେ ପାଣ୍ଡିଆନଙ୍କ ଜୋରଦାର ପ୍ରଚାର

ଭୁବନେଶ୍ୱର,(ସବ୍ୟୁ) : ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଦଳ ପାଇଁ ତୋଫାନୀ ଗସ୍ତ କରି ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ନୂଆପଡା ଓ କୋରାପୁଟ ପରେ ଆଜି ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି । ଆଜି ସେ ବ୍ରହ୍ମପୁର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗଜପତି ଜିଲ୍ଲାର ମୋହନା ଓ ଗଞ୍ଜାମ ଜିଲ୍ଲାର ଚିକିଟି ବିଧାନସଭା ଅଞ୍ଚଳ ଗସ୍ତ କରି ଦଳୀୟ ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଏବଂ ମୋହନା ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗୋ ଓ ଚିକିଟି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପଦେବଙ୍କୁ ରେକର୍ଡ ମାର୍ଜିନରେ ଭୋଟ ଦେଇ ଜିତେଇବାକୁ ଆହ୍ୱାନ ଦେଇଛନ୍ତି । ୯୫ ପ୍ରତିଶତ ଭୋଟ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ବିପୁଳ ବିଜୟ ହାସଲ କରିବାକୁ ନିବେଦନ କରିଛନ୍ତି ।

ଆଜି ମଧ୍ୟ ଶ୍ରୀ ପାଣ୍ଡିଆନ ବିରୋଧୀ ଦଳଙ୍କ ପ୍ରତି ଶାଣିତ ନିଶାଣ କରି କହିଥିଲେ ଯେ ଜେଲ୍ ଯାଇ ବେଲ୍ରେ ଆସିଥିବା ବ୍ୟକ୍ତିଙ୍କୁ ଆମେ ଜେଲ ପଠାଇବା, ସଂସଦକୁ ନୁହେଁ । ଅପରାଧୀ ମାନଙ୍କ ପାଇଁ ସବୁଠାରୁ ଭଲ ସ୍ଥାନ ହେଉଛି ଜେଲ୍ । କିନ୍ତୁ ବିରୋଧୀ ତାଙ୍କୁ ପ୍ରାର୍ଥୀ କରୁଛନ୍ତି । ଆମେ ତାଙ୍କୁ ତାଙ୍କର ଉଚିତ ସ୍ଥାନ ଦେଖାଇବା । ବିରୋଧୀ ସବୁବେଳେ ବଡ ବଡ କଥା କହିଥାନ୍ତି ବୋଲି ମତ ଦେଇ ସେ କହିଥିଲେ ଯେ କିନ୍ତୁ କାମ ବେଳକୁ ତାଙ୍କର ଦେଖା ନ ଥାଏଛ ଖୋଜିଲେ ବି ପାଇବେନି । ଏଭଳି ଲୋକଙ୍କ ଠାରୁ ଦୂରରେ ରୁହନ୍ତୁ । ବିରୋଧୀ ବାରମ୍ବାର ଡବଲ ଇଞ୍ଜିନ କଥା କହୁଛନ୍ତି । କିନ୍ତୁ ଗରିବ ଲୋକଙ୍କୁ ଭତ୍ତା ଦେଲା ବେଳକୁ ଦେଉଛନ୍ତି ମାତ୍ର ୩୦୦ ଟଙ୍କାଛ ଓଡିଶାରେ ନବୀନ ଇଞ୍ଜିନ ଦେଉଛି ୧୦୦୦ ଟଙ୍କା ।

ଚିକିଟିରେ ଦଳର ବରିଷ୍ଠ ନେତ୍ରୀ ଉଷା ଦେବୀଙ୍କୁ ସମ୍ମାନ ଜଣାଇ ସେ କହିଥିଲେ ଯେ ତାଙ୍କ ସହିତ ଗଭୀର ସଂପର୍କ ରହିଛି । ୧୫-୧୬ ବର୍ଷ ହେଲାଣି ମୁଁ ତାଙ୍କୁ ଜାଣିଛି । ସେ ମୋତେ ପୁଅ ବୋଲି ସମ୍ବୋଧନ କରନ୍ତିଛ ତାଙ୍କ ପ୍ରତି ମୋର ବହୁତ ସମ୍ମାନ ରହିଛି ବୋଲି ସେ କହିଥିଲେ ।

ଦଳୀୟ କର୍ମୀମାନଙ୍କୁ ସତର୍କ କରି ସେ କହିଥିଲେ ଯେ ଆପଣମାନେ ସଜାଗ ରୁହନ୍ତୁ । ବିରୋଧୀ ପ୍ରାର୍ଥୀମାନେ ଆସୁଛନ୍ତି ଆଉ ଲୋକଙ୍କୁ ମିଛ କହି ଠକୁଛନ୍ତି, ତେଣୁ ଆପଣମାନେ ସତର୍କ ରୁହନ୍ତୁଛ ଆସନ୍ତୁ, ଆମେ ସମସ୍ତେ ମିଶି ଭଲ କାମ କରିବା, ଓଡିଶାକୁ ଆଗେଇ ନେବା । ଐତିହ୍ୟ ସ୍ଥଳ ରୂପାନ୍ତର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ସେ କହିଲେ ଯେ ମୁଖ୍ୟମନ୍ତ୍ରୀ ସବୁ

# ବିରୋଧୀଙ୍କ କଥା ବଡ, କାମ ଶୂନ



ସମାଜକୁ ଭଲ ପାଆନ୍ତି, ଆପଣଙ୍କ ବ୍ୟକ୍ତିଗତ ଧାର୍ମିକ ବିଶ୍ୱାସକୁ ସମ୍ମାନ ଦିଅନ୍ତି । ତେଣୁ ମଠ ମନ୍ଦିର ଚର୍ଚ୍ଚ ମସଜିଦ୍ ଗୁରୁଦ୍ୱାର - ସବୁ ପୂଜାସ୍ଥଳୀର ଉନ୍ନତି ପାଇଁ ସେ କାମ କରିଛନ୍ତି । ମା ମାନଙ୍କୁ ମୁଖ୍ୟମନ୍ତ୍ରୀ ସବୁବେଳେ ସର୍ବାଧିକ ଗୁରୁତ୍ୱ ଦେଇଥାନ୍ତି । ସେମାନଙ୍କ ପାଇଁ ମିଶନ ଶକ୍ତି କାର୍ଯ୍ୟକ୍ରମ, ମମତା, ବିନା ସୁଧରେ ଋଣ, ମା ମାନଙ୍କୁ ବୁଲାଇ ଗସ୍ତରେ ପଠାଇବା ଆଦି ଅନେକ କାମ କରିଛନ୍ତି । ସମାଜରେ ମା ମାନଙ୍କୁ ନୂଆ ପରିଚୟ ଦେଇଛନ୍ତି । ଘରର ମୁଖିଆ ଭାବରେ ମୁଖ୍ୟମନ୍ତ୍ରୀ ଗରିବଙ୍କୁ ସାହସ ଦେଇଛନ୍ତି, ସେମାନଙ୍କ ପାଇଁ ଇଗରଡ଼ କରିଛନ୍ତି । ଗରିବ ଲୋକର ଚିକିତ୍ସା ଚିନ୍ତା ଦୂର କରିଛନ୍ତି । ସେମାନେ ଆଜି ବଡ ବଡ ବେସରକାରୀ ହସ୍ପିଟାଲରେ ବିନା ଚିନ୍ତାରେ ଚିକିତ୍ସା ପାଉଛନ୍ତି । ପିଲାଙ୍କ ଭବିଷ୍ୟତ ପାଇଁ ସେ ହାଇସ୍କୁଲ ରୂପାନ୍ତର କରିଛନ୍ତି । ୮୦୦୦ରୁ ଅଧିକ ହାଇସ୍କୁଲର ରୂପାନ୍ତର ହୋଇଛି । ଜନଜାତି ପିଲାଙ୍କ ପାଇଁ ହଷ୍ଟେଲ, ଅନ୍ୱେଷା ଭଳି କାର୍ଯ୍ୟକ୍ରମ କରିଛନ୍ତି । ଆମ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଏକମାତ୍ର ନେତା ଯିଏ ଆମକୁ ଲୋକଙ୍କ ପାଇଁ କଣ କାମ କରିଛ, ତାର ହିସାବ ଦେବାକୁ ନିର୍ଦ୍ଦେଶ ଦେଇଥାନ୍ତି । ତେଣୁ ଆଜି ମୁଁ ଆପଣଙ୍କ ଅଞ୍ଚଳରେ ବିକାଶ କାମର ପୁରା ହିସାବ ଦେବି ।ଆପଣମାନଙ୍କ ଅନୁରୋଧ କ୍ରମେ ମୋହନାରେ ୧୮୦ କୋଟି ଟଙ୍କାର କାମ ଚାଲିଛି ।

**ଜେଲ୍ ଯାଇ ଜାମିନରେ ଆସିଥିବା ବ୍ୟକ୍ତିର ସ୍ଥାନ ସଂସଦ ନୁହେଁ**

**ମୁଖ୍ୟମନ୍ତ୍ରୀ ସବୁ ସମାଜକୁ ଭଲ ପାଆନ୍ତି**

**ବିରୋଧୀ ପ୍ରାର୍ଥୀମାନେ ଆସୁଛନ୍ତି, ଲୋକଙ୍କୁ ଠକୁଛନ୍ତି**

ସେହିପରି ଚିକିଟିରେ ୪୫ କୋଟି ଟଙ୍କାର କାମ ଚାଲିଛି ବୋଲି ସେ କହିଥିଲେ । ଏଥିସହିତ ଭୈରବୀ ଚଣ୍ଡୀ ମନ୍ଦିର ପାଇଁ ୧ କୋଟି ୯୫ ଲକ୍ଷ ଟଙ୍କା, ବାଳକୁମାରୀ ମନ୍ଦିର ପାଇଁ ୧ କୋଟି ୯୦ ଲକ୍ଷ, ରାମାୟାପାଟଣା ଠାରେ ତଟ ସୁରକ୍ଷା ପାଇଁ ୨୩ କୋଟି ଟଙ୍କା, ପାତ୍ରପୁର ଓ ଚିକିଟି ବ୍ଲକ୍କୁ ଭାଘଲଟି ଡ୍ୟାମ୍ରୁ ପାଇପ ଯୋଗେ ପାନୀୟ ଜଳଯୋଗାଣ ପାଇଁ ୪୦୦ କୋଟି ଟଙ୍କାର କାମ ଚାଲିଛି ବୋଲି ସେ କହିଥିଲେ । ବିଏସ୍‌କେୱାଇରେ ଚିକିଟି ଅଞ୍ଚଳର ୬୧ ହଜାର ହିତାଧିକାରୀ ସାମିଲ ହୋଇଛନ୍ତି ଏବଂ ଚିକିଟିର କେ ଚିନାମା ଏବଂ ପାତ୍ରପୁର ଅଞ୍ଚଳର ତପସ୍ୱିନୀ ପଣ୍ଡା ଏହି ଯୋଜନାରେ ୧୦ ଲକ୍ଷ ଟଙ୍କା ଲେଖାଏ ପାଇ ଚିକିତ୍ସିତ ହୋଇଛନ୍ତି ବୋଲି ସେ କହିଥିଲେ ।

# କାମ୍ପାକୋଲା ପାଇଁ ଆରସିପିଏଲର ନୂତନ ଅଭିଯାନ

ଭୁବନେଶ୍ୱର (ସବ୍ୟୁ), କାମ୍ପାକୋଲା ବ୍ରାଣ୍ଡ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ୍ (ଆରସିପିଏଲ) ର ଅଂଶ । ଏହି ଅଭିଯାନ ଶୁଭାରମ୍ଭ ଅବସରରେ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ୍ ର ସିଓଓ କେତନ ମୋଦି କହିଛନ୍ତି, ଏହି ଅଭିଯାନ ଭାରତୀୟମାନଙ୍କୁ ସୁଲଭ ମୂଲ୍ୟରେ ବିଶ୍ୱସ୍ତରୀୟ ଗୁଣବତ୍ତା ସମ୍ପନ୍ନ ଉତ୍ପାଦ ଯୋଗାଇବା ଦିଗରେ ଆମର ଯାତ୍ରାର ପ୍ରଥମ ପଦକ୍ଷେପ । ପ୍ରଖ୍ୟାତ ଲେଖକ ଓ ଆଡ଼ ଗୁରୁ ପ୍ରସୂନ୍ ଯୋଶୀ ଅଭିଯାନ ଶୁଭାରମ୍ଭରେ ଖୁସି ବ୍ୟକ୍ତ ଏହି ନୂତନ ସୃଜନଶୀଳତା ସହିତ ବ୍ରାଣ୍ଡ କାମ୍ପା ଏକ ନୂତନ ଉଦୀୟମାନ ଭାରତ ସହିତ ସମତାଳରେ ରହିବାକୁ ଲକ୍ଷ୍ୟ ରଖିଛି ଯାହା ନୂତନ ଅନ୍ୱେଷଣ କରିବା ପାଇଁ ଆତ୍ମବିଶ୍ୱାସୀ ଏବଂ ବ୍ୟଗ୍ର ରହିଛି ।

# ସ୍ତ୍ରୀକୁ ବୟଫ୍ରେଣ୍ଡ ସହ ଦେଖି ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସ୍ତ୍ରୀକୁ ବୟଫ୍ରେଣ୍ଡ ସହ ବୁଲେଟ୍‌ରେ ଯାଉଥିବା ଦେଖି ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିବା ସ୍ୱାମୀକୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୋଲିସ୍ । ବିଡ଼ିଏ କଲୋନୀ ଅଞ୍ଚଳରେ ରହୁଥିବା ଅଭିଯୋଗକାରିଣୀଙ୍କୁ ଅଭିଯୁକ୍ତ ସ୍ୱାମୀ ସିଦ୍ଧାର୍ଥ ତ୍ରିପାଠୀ (୩୧) ୨୦୧୬ ମସିହାରୁ ଭଲ ପାଇ ଆସୁଥିଲେ । ୨୦୨୩ ମସିହାରେ ସର୍ବସମ୍ମତିକ୍ରମେ ଉଭୟଙ୍କ ବିବାହ ହୋଇଥିଲା । ବିବାହ ପରେ ସ୍ୱାମୀଙ୍କ ପରିବାର ଅଧିକ ଯୌତୁକ ଦାବି କରି ଅଭିଯୋଗକାରିଣୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ । ନିର୍ଯାତନା ସହି ନପାରି ସେ ବାପଘରେ ରହୁଛନ୍ତି । ଚଳିତମାସ ୨୫ ତାରିଖ ସନ୍ଧ୍ୟାବେଳେ ଅଭିଯୋଗକାରିଣୀ ବୟଫ୍ରେଣ୍ଡଙ୍କ ସହ ବୁଲେଟ୍‌ରେ ଘରକୁ ଫେରୁଥିଲେ । ତାଙ୍କୁ ପିଛାକରି ଆସୁଥିବା ସ୍ୱାମୀ ସିଦ୍ଧାର୍ଥ ତ୍ରିପାଠୀ ଇନ୍‌ଫୋସିଟି ଛକ ନିକଟ ଆଇସିଆଇସିଆଇ ବ୍ୟାଙ୍କ ନିକଟରେ ତାଙ୍କ ବୁଲେଟ୍‌କୁ ପଛପାଖରୁ ଆସୁଥିବା ସ୍କୁଟରରେ ଧକ୍କା ଦେଇଥିଲେ । ସେ ଦୁହେଁ ତଳେ ପଡ଼ିଯିବା ପରେ ସିଦ୍ଧାର୍ଥ ସ୍ତ୍ରୀର ତଣ୍ଟିକୁ ଚିପି ତାଙ୍କୁ ଜୀବନରେ ମାରିଦେବାକୁ ପ୍ରୟାସ କରିଥିଲେ ବୋଲି ଏତଲାରେ ଦର୍ଶାଇଥିଲେ ପୀଡ଼ିତା ।

# ବିଜେଡ଼ିରେ ଯୋଗଦେଲେ ମୋହନାର ପୂର୍ବତନ ବିଧାୟିକା ବାସନ୍ତୀ ମଲ୍ଲିକ



ଭୁବନେଶ୍ୱର (ସବ୍ୟୁ): ମୋହନା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ବାସନ୍ତୀ ମଲ୍ଲିକ ମଙ୍ଗଳବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ପୂର୍ବତନ ବିଧାୟିକା ବାସନ୍ତୀ ମଲ୍ଲିକଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ବାସନ୍ତୀ ମଲ୍ଲିକଙ୍କ ଯୋଗଦାନ ଫଳରେ ବିଶେଷ କରି ମୋହନା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପିରୁ ଇସ୍ତଫା ଦେଲେ କାଳୁ ଖଣ୍ଡାୟତରାୟଙ୍କ ସମେତ ଶତାଧିକ କର୍ମୀ

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧା ଭାଜପା ରୁ ଟିକେଟ କଟିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କାଳୁଚରଣ ଖଣ୍ଡାୟତରାୟ । ଆଜି ନୂଆବସଷ୍ଟାଣ୍ଡସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ସାମ୍ବାଦିକ ସମ୍ମିଳନୀ ଡାକି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ବିରୋଧରେ ବର୍ଷିଛନ୍ତି କାଳୁ । ମୋ ଭାବନା ଓ ଆବେଗକୁ ପଛପଟୁ ଅପରାଜିତା ଛୁରୀ ମାରିଛନ୍ତି । ୧୦ବର୍ଷ ଦଳ ପାଇଁ ସମୟ ଦେଇଥିବା ବେଳେ ୧୦ଦିନ ତଳେ ଯୋଗଦେଇଥିବା ଜଣେ ଦାଗୀ, ଅପରାଧିଙ୍କୁ ଟିକେଟ ଦେଇଛନ୍ତି ଅପରାଜିତା । ରାଜ୍ୟ ସଭାପତି ୪୮ ଘଣ୍ଟା ସମୟ ମାଗି ମୋ ସହ ଖେଳୁଛନ୍ତି । ମୋ ସହ ଶହେରୁ ଉର୍ଦ୍ଧ୍ୱ ଦଳୀୟ




କର୍ମୀ ସମୂହ ଇସ୍ତଫା ଦେଇଛନ୍ତି । ସମର୍ଥକ ଙ୍କ ନିଷ୍ପତି କ୍ରମେ ମୁଁ ସ୍ୱାଧିନ ଭାବେ ଲଢିବି ।

ଦଳ ଭିତରେ ଅପରାଜିତାଙ୍କ ଦ୍ୱାରା ଉପେକ୍ଷିତ ହୋଇଥିବା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଖଣ୍ଡେଇତରାୟ ୨୦୧୯ ନିର୍ବାଚନରେ ୭୪ହଜାର ୫ଶହ ରୁ ଉର୍ଦ୍ଧ୍ୱ ଭୋଟ ପାଇଥିଲେ । କିନ୍ତୁ ନିର୍ବାଚନ ସମୟରେ ଦଳ ତାଙ୍କ ପ୍ରତି କରିଥିବା ବେଇମାନି ଆଜି ତାଙ୍କୁ ତାଙ୍କ ପରିବାର ଓ ସମର୍ଥକଙ୍କୁ କଷ୍ଟ ଦେଇଥିବା ସେ ପ୍ରକାଶ କରିଛନ୍ତି । ତେଣୁ ସେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଶ୍ରୀ ଖଣ୍ଡେଇତରାୟଙ୍କ ସମେତ ବଡ଼ପୋଖରିଆ ମଣ୍ଡଳ ସଭାପତି ବିପିନ ପାଲଟାସିଂହ, ନିରାକାରପୁର ମଣ୍ଡଳ ସଭାପତି ଆଲୋକ ରଞ୍ଜନ ଛୋଟରାୟ, ଦକ୍ଷିଣ ମଣ୍ଡଳ ସଭାପତି ସୀତାରାମ ରାଉତରାୟ, ନିର୍ବାଚନ ମଣ୍ଡଳୀ ସଂଯୋଜକ କିଶୋର ଚନ୍ଦ୍ର ବରାଳ, ନଗର ସାଧାରଣ ସମ୍ପାଦକ ତ୍ରିଲୋଚନ ଦାସ, ଉପସଭାପତି ତ୍ରିନାଥ ମହାପାତ୍ର, ସାଧାରଣ ସମ୍ପାଦକ ଅଭିମନ୍ୟୁ ଘଟୁଆଳ, ଓବିସି ମୋର୍ଚ୍ଚା ସଭାପତି ଜିତେନ୍ଦ୍ର ବେହେରା, ରଜତ ରଞ୍ଜନ ଶର୍ମା, ବଦ୍ରି ନାରାୟଣ ଦାଶ ଶହେ ରୁ ଉର୍ଦ୍ଧ୍ୱ ଆଗଧାଡ଼ି ର କାର୍ଯ୍ୟକର୍ତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି ।



# ପୋଡ଼ିଦେଲେ ଗ୍ୟାରେଜ : ଜଳିଗଲା ୩ ସ୍କୁଟି ସହ ବାଇକ୍



ଆନନ୍ଦପୁର ,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅଧୀନ ଛେନାପଦି ଛକରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ଗ୍ୟାରେଜରେ ଦୁର୍ବୃତ୍ତମାନେ ନିଆଁ ଲଗାଇଦେବାରୁ ୩ ସ୍କୁଟି ଓ ଗୋଟିଏ ବାଇକ୍ ପୋଡ଼ିଯାଇଛି। ଛେନାପଦିଛକ ପେଟ୍ରୋଲ ପମ୍ପ ପଛପଟେ ରହୁଛନ୍ତି ରବୀନ୍ଦ୍ର ବରାଳଛ ତାଙ୍କ ଘରେ ଜଣେ ବ୍ୟାଙ୍କ ମ୍ୟାନେଜର, ଜଣେ ଶିକ୍ଷୟିତ୍ରୀ ଓ ଜଣେ ସମାଜ ମଙ୍ଗଳ ଅଧିକାରୀ ଭଡ଼ାରେ ରହୁଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଶବ୍ଦ ହେବାରୁ ପରିବାର ଲୋକେ ବାହାରକୁ ଆସିଥିଲେ। ଗ୍ୟାରେଜରେ ଥିବା ବାଇକ୍ ଗୁଡ଼ିକ ହୁତୁହୁତୁ ହୋଇ ଜଳୁଥିବା ଦେଖିବାକୁ ପାଇଥିଲେ।ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ, ସେମାନେ ଘରୁ ବାହାରି ପାରିନଥିଲେ। ଖବର ପାଇ ହାଟଡିହି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କେହି ଦୁର୍ବୃତ୍ତ ପେଟ୍ରୋଲ ଢାଳି ଗାଡ଼ି ଗୁଡ଼ିକରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଏନେଇ ରବୀନ୍ଦ୍ରଙ୍କ ପରିବାର ଲୋକେ ନନ୍ଦିପଦା ଥାନାରେ ଅଭିଯୋଗ କରିଛନ୍ତି।

# ମହୁଲ ବୋଝେଇ ଟ୍ରକ୍ , ୪ଟି ପିକ୍ଅପ୍ ଭ୍ୟାନ୍ ଜବତ : ୫ ଗିରଫ



କେନ୍ଦୁଝର, (ସ୍ୱପ୍ର) : କେନ୍ଦୁଝର ଅବକାରୀ ବିଭାଗ ମଙ୍ଗଳବାର ରାତି ପ୍ରାୟ ୨ଟାବେଳେ କେନ୍ଦୁଝର ଟାଉନ ଥାନା ବାମ୍ପାର ନିକଟରୁ ଗୋଟିଏ ମହୁଲ ବୋଝେଇ ୧୬ ଚକିଆ ଟ୍ରକ୍ ଓ ୪ଟି ପିକ୍ଅପ୍ ଭ୍ୟାନ ଜବତ କରିଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରାଯାଇଛିଛ ଦୁଇଜଣ ପିକ୍ଅପ୍ ଭ୍ୟାନ୍ ଚାଳକ ଫେରାର ହୋଇଯାଇଛନ୍ତି। ଏଥିରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଅବକାରୀ ବିଭାଗର ଡେପୁଟି ସୁପରିଟେଣ୍ଡେଣ୍ଟ ଦିବ୍ୟରଂଜନ ଦୀପ ପ୍ରକାଶ କରିଛନ୍ତି। ରାୟପୁରରୁ ଏକ ୧୬ ଚକିଆ ଟ୍ରକ (ଓଡି-୦୯ଏବି-୦୧୭୩)ରେ ୨୮୦ କୁଇଣ୍ଟାଲ ମହୁଲ ଆସି ବାମ୍ପାର ନିକଟରେ ୪ଟି ପିକ୍ଅପ୍ ଭ୍ୟାନ୍ (ଓଆର୍-୦୯-ଏଲ୍-୬୪୨୫, ଓଆର୍-୦୯-ଏଚ୍-୮୬୪୫, ଓଆର୍-୦୯-ଏନ୍-୫୬୧୦ ଏବଂ ଓଡି-୦୯-ଏବି-୦୬୨୧)ରେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯିବାର ଥିଲା। ଖବର ପାଇ ଅବକାରୀ ବିଭାଗର ଡେପୁଟି ସୁପରିଟେଣ୍ଡେଣ୍ଟ ଶ୍ରୀ ଦୀପ, ଇନ୍ସପେକ୍ଟର ବେଣୁଧର ସାମଲ, ଇନ୍ସପେକ୍ଟର ଚନ୍ଦନ କୁମାର ମଣ୍ଡଳ ଓ ବିଭାଗୀୟ କର୍ମଚାରୀମାନେ ଚଢ଼ କରିଥିଲେ। ସେଠାରୁ ମହୁଲ ବୋଝେଇ ଟ୍ରକ୍ ସହ ୪ଟି ପିକ୍ଅପ୍ ଭ୍ୟାନ୍ ଜବତ କରାଯାଇଛ। ୫ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ରାମଜୀ କନୱାର (୩୮), ଗୁରୁ ମୁଣ୍ଡା, ରାଜା ମୁଣ୍ଡା (୩୭), ସବ୍ୟସାଚୀ ମୁଣ୍ଡା (୧୯) ଓ ଗିରିଧାରୀ ନାଏକ (୨୪)। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜବତ ହୋଇଥିବା ମହୁଲର ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ଦଳ ଛାଡ଼ିଲେ ପୂର୍ବତନ ବିଧାୟକ ବିଜୟ କୁମାର ନାଏକ



ଠାକୁରମୁଣ୍ଡା,(ସବ୍ୟୁ) :ଇସ୍ତଫା ଦେଲେ କରଞ୍ଜିଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଜୟ କୁମାର ନାଏକ । ବିଜୁ ଜନତା ଦଳର ସମସ୍ତ ପଦ ପଦବୀ ତଥା ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବା ସହ ହଜାର ହଜାର ସମର୍ଥକଙ୍କ ଗହଣରେ ଲୋକଙ୍କର ପ୍ରାର୍ଥୀ ଭାବେ ଆଗାମୀ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହେଉଥିବା ଘୋଷଣା କରିଛନ୍ତି । ଏଥି ସହିତ କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ସ୍ଥିତି ରୋଚକ ମୋଡ଼ରେ ପହଞ୍ଚିଛି ।ବିଜୟ ନାଏକଙ୍କ ପ୍ରତି ପ୍ରବଳ ଜନ ସମର୍ଥନ ରହିଥିବା ଦୃଷ୍ଟିରୁ ଆଗାମୀ ନିର୍ବାଚନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଲାଣି ।୩୦ ତାରିଖ ଦିନ ହଜାର ହଜାର ସଂଖ୍ୟାରେ ସମର୍ଥକଙ୍କ ସହିତ ଆସି କରଞ୍ଜିଆ ମାଣିକ ଛକ ନିକଟରେ ସାମ୍ବାଦିକମାନଙ୍କୁ ନିଜର ପ୍ରତିକ୍ରିୟା ଦେଇଥିଲେ। ବିଜୟ ନାଏକ ତାଙ୍କର ଇସ୍ତଫା ପତ୍ର ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଥିବା କହିଥିଲେ। ବିଜୟ ନାଏକ ୨୦୦୯ ଏବଂ ୨୦୧୪ ନିର୍ବାଚନ ରେ ଦୁଇ ଦୁଇ ଥର ବିଜୁ ଜନତା ଦଳ ତରଫରୁ ନିର୍ବାଚିତ ହେଇଥିଲେ ।୨୦୧୯ ମସିହାରେ ବିଜେଡି ଦଳ କରଞ୍ଜିଆ ବାହାରୁ ଆଣି ବାସନ୍ତୀ ହେମ୍ବ୍ରମ ଙ୍କୁ ଟିକେଟ ଦେଇଥିଲା।୨୦୨୪ ରେ ଟିକଟ ଆଶା ବେଇ ଦଳ ଧକ୍କା ଦେବାରୁ ବାଧ ହୋଇ ବିଜେଡି ଦଳରୁ ଇସ୍ତଫା ଦେଲେ ।ବିଜୟ ନାଏକ ସ୍ୱାଧୀନ ପ୍ରାର୍ଥୀ ହେଉଥିବା ଘୋଷଣା କରିବା ପରେ ବିଜେଡି ଏବଂ ବିଜେପି ଅସନ୍ତୁଷ୍ଟ ତାଙ୍କ ସହିତ ଯୋଗ ଦେଲେଣି ।ସେ ଲୋକଙ୍କ ପାଇଁ ଅଧିକ ବିଶ୍ୱାସଯୋଗ୍ୟ ଏବଂ ଓଡ଼ିଆ ଅସ୍ମିତାର ପ୍ରତୀକ ଭାବେ ବିଚାର କରାଯାଉଛି ।ବାଥୁଡି, ସାଉଁନ୍ତି, ଗଣ୍ଡ, ଭୂୟାଁ, ଓଡ଼ିଆଙ୍କର ତାଙ୍କ ପଛରେ ଯେପରି ସମର୍ଥନ ରହିଛି ସେ ସବୁ ଦଳ ପାଇଁ କାଳ ହେବେ ବୋଲି ଜଣାପଡିଲାଣି ।ଦୀର୍ଘ ୫ ବର୍ଷ ତାଙ୍କୁ ବିଜେଡି ଦଳ ଉପେକ୍ଷା କରିଛି । ତାଙ୍କୁ ବିଭିନ୍ନ ସମୟରେ ବିଭିନ୍ନ ପଦ ପଦବୀ ଦିଆଯିବ ବୋଲି କହି ଦଳ ଠକି ଦେଇଛି । ଶେଷ ପର୍ଯ୍ୟନ୍ତ ଟିକଟ ଦିଆଯିବ କହି ହତାଶ କରିଛି ଦଳ । ଶେଷରେ ଶୁଭେଚ୍ଛୁଙ୍କ ପରାମର୍ଶରେ ସେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଏବଂ ଅଭାବୀ ଲୋକେ ମଧ ମୁଠେ ମୁଠେ ଚାଉଳ ଏବଂ ଯାହାର ଯାହା ସାମର୍ଥ୍ୟ ସାହାଯ୍ୟ କରିବାର ପ୍ରତିଶୃତି ଦେଇଛନ୍ତି ଶୁଭେଚ୍ଛୁ । ତେଣୁ ସେ ଜନତାର ପ୍ରତିନିଧି ଭାବରେ ନିର୍ବାଚନ ମଇଦାନକୁ ଯାଉଛନ୍ତି ବୋଲି କହି ସାମ୍ବାଦିକ ସମ୍ମିଳନୀରେ ଭାବ ବିହ୍ୱଳ ହୋଇ ପଡ଼ିଥିଲେ ।ଖବର ପାଇ ଠାକୁରମୁଣ୍ଡା, ଶରତ, କରଞ୍ଜିଆ, କରଞ୍ଜିଆ ଏନଏସିର ହଜାର ହଜାର ଲୋକ ସ୍ୱତଃପ୍ରବୃତ୍ତ ଭାବେ ସମ୍ମିଳନୀରେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା ।ଏକା ବିଜୟ ନାଏକ ସବୁ ଦଳ ଉପରେ ଭାରି ପଡିବେ ବୋଲି ସମୀକ୍ଷକ ମାନେ ମତ ଦେଇଛନ୍ତି । କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ସୁପ୍ତ ଥିବା ରାଜନୀତି ହଠାତ ସରଗରମ ହୋଇ ଉଠିଛି ।୨୦୦୦ ମସିହା ନିର୍ବାଚନକୁ ଛାଡିଦେଲେ କେବେ ହେଲେ ସ୍ୱାଧୀନ ପ୍ରାର୍ଥୀ ଏଠାରେ ଜିତି ନଥିବା ବେଳେ ଏବେ ପୁଣି ଭିନ୍ନ ସ୍ଥିତି ସୃଷ୍ଟି ହୋଇଛି । ବିଶେଷକରି ବିଜୁ ଜନତା ଦଳରେ ଛନକା ପଶିଛି ଝ ପୂର୍ବ ପରି ବିଜୁ ଜନତା ଦଳ ଜିତିବା ଆଦୌ ସହଜ ହେବନି । ତେବେ ସ୍ଥିତି କେଉଁ ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଲା ।

# ଡିନାମାଇଟ ବିସ୍ଫୋରଣରେ ଜଣେ ମୃତ

କେନ୍ଦୁଝର , (ସ୍ୱପ୍ର) : କେନ୍ଦୁଝର ଜିଲ୍ଲା ଖଣି ଅଞ୍ଚଳରେ ମାଛ ମାରିବା ପାଇଁ ବ୍ୟବହାର ହେଉଛି ଡିନାମାଇଟ୍। ଲୋକେ ବିଭିନ୍ନ ଜଳଉତ୍ସ ଗୁଡ଼ିକରେ ବେଆଇନ ଭାବେ ଡିନାମାଇଟ୍ ବିସ୍ଫୋରଣ କରାଯାଇ ବେଧଡ଼କ ମାଛ ମରାଯାଉଛ। ଡିନାମାଇଟ୍ ବିସ୍ଫୋରଣରେ ଜଣେ ଯୁବକଙ୍କ ହାତ ଛିଣ୍ଡିଯିବା ସହ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ଜିଲ୍ଲା ବଲାଣି ଥାନା ଅନ୍ତର୍ଗତ ଡୁମୁର୍ଡା ଗ୍ରାମର ମୋହନ ମୁଣ୍ଡାଙ୍କ ପୁଅକୁ ମାଙ୍ଗୁଆ ମୁଣ୍ଡା (୫୦)। ସେ ସେଲ୍ କମ୍ପାନିରେ ଗାଡ଼ି ଚାଳକ ଥିଲେ ବୋଲି ଜଣାପଡ଼ିଛି। ସେ ମଙ୍ଗଳବାର ଦିନ ମାଙ୍ଗୁଆ ପାଚେରି ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ପୂର୍ବରୁ ନାଳରେ ମାଛ ମାରିବା ପାଇଁ କେହି ଡିନାମାଇଟ୍ ପକାଇଥିଲା।ଗାଧୋଇବା ସମୟରେ ପାଣିରେ ପଡ଼ିଥିବା ଡିନାମାଇଟ୍କୁ ମାଙ୍ଗୁଆ ହାତରେ ଉଠାଇଥିଲେ। ଏହି ସମୟରେ ଖୁବ ଜୋରରେ ବିସ୍ଫୋରଣ ହେବାରୁ ତାଙ୍କ ବାମହାତ ଛିଣ୍ଡିଯିବା ସହ ଶରୀରର ବିଭିନ୍ନ ସ୍ଥାନରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ପ୍ରଥମେ ବଲାଣିସ୍ଥିତ ସେଲ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲାଛ ଅବସ୍ଥା ସଂକଟାପନ୍ନ ଥିବାରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲାଛ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।ଖବର ପାଇ ଆଜି ବଲାଣି ଥାନା ପୁଲିସ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ବଡ଼ବିଲ ଏସଡ଼ିପିଓ ପ୍ରିୟସ ରଂଜନ ଛୋଟରାୟଙ୍କୁ ପଚାରିବାରୁ, ସେ ଘଟଣା ସମ୍ପର୍କରେ ଅବଗତ ଅଛନ୍ତି। ଡିନାମାଇଟ୍ କେମିତି ନଦୀନାଳକୁ ଆସିଲା ତା'ର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ବିଜେଡିରେ ସାମିଲ ହେଲେ ୩୨ ପରିବାରର ଶତାଧିକ ଲୋକ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ନିର୍ବାଚନମଣ୍ଡଳୀର ସଶକ୍ତ ହେଉଛି ବିଜୁ ଜନତାଦଳ। ସାନକୃଷ୍ଣପୁର ପଂଚାୟତର ୩୨ପରିବାରର ଶତାଧିକ ଲୋକ କଂଗ୍ରେସ ଓ ବିଜେପି ଛାଡି ବାସୁଦେବପୁର ବିଜେଡିର ଯୋଗ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଉପସ୍ଥିତିରେ ବିଜେଡିର ଯୋଗଦେଇଛନ୍ତି। ପାଖେଇ ଆସୁଛି ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବାଚନ। ନିର୍ବାଚନ ଯେତିକି ପାଖେଇ ଆସୁଛି କର୍ମୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଉଛି। ଗ୍ରୀଷ୍ମ ତାତି ଯେତିକି ବଢୁଛି ନିର୍ବାଚନର ମାହୋଲ ସେତିକି ଉଷ୍ମତା ବୃଦ୍ଧି ପାଉଛି । ବିଜୁ ଜନତା ଦଳ ପକ୍ଷରୁ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କୁ ଦ୍ୱିତୀୟ ଥର ପାଇଁ ଦଳର ସୁପ୍ରିମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସ୍ଥା ପ୍ରକଟ କରି ପ୍ରାର୍ଥୀ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାରେ ସାମିଲ ହେବା ଓ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ କାର୍ଯ୍ୟଦକ୍ଷତା ଓ ବିକାଶକୁ ଗୁରୁତ୍ୱ ଦେଇ ସାନକୃଷ୍ଣପୁର ପଂଚାୟତର ଆୟୋଜିତ ବିଜେଡିର କର୍ମୀ ସମ୍ମିଳନୀରେ ବିଜୁ ପରିବାରରେ ନୂତନ ଭାବରେ ଯୋଗଦାନ କରିଥିବା ସଦସ୍ୟଙ୍କୁ ଉତ୍ତରୀ ପ୍ରଦାନ କରି ବିଧାୟକ ଶ୍ରୀରାଉତରାୟ ସ୍ୱାଗତ କରିଥିଲେ। କଂଗ୍ରେସ ଏବଂ ବିଜେପି ଦଳ ଛାଡି ବିଜେଡିର ଯୋଗ ଦେଲେ ସାନକୃଷ୍ଣପୁର ପଂଚାୟତର ୨୦ଚେନ ଏବଂ ୬୦ଚେନ ଗ୍ରାମ ସତ୍ୟଜିତ ଦାସ, ତାରପୁର ଦାସ,ଗଣେଶ ଦାସ,ରାମଚନ୍ଦ୍ର ଦାସ,ଲକ୍ଷ୍ମଣ ଦାସ,ଶରତ ମଣ୍ଡଳ,ଅଜିତ ମଣ୍ଡଳ,ତରୁଣ ମଣ୍ଡଳ,ଅରୁଣ ମଣ୍ଡଳ ପ୍ରମୁଖ ଯୋଗଦେଇଥିବାବେଳେ ୨୦ ଚେନର ରବିନ୍ଦ୍ର ପ୍ରଧାନ,ରତନ ପ୍ରଧାନ,ସଂଜୀବ ପ୍ରଧାନ,ଗୋପାଳ ପ୍ରଧାନ ଦବ୍ୟ ରଞ୍ଜନ ବାରିକ,ନାଡୁ ଗୋପାଳ ଜାନା,ପ୍ରଦୀପ ମଣ୍ଡଳ,ଗୁରୁପଦ ମଣ୍ଡଳ,ଗୋବିନ୍ଦ ମଣ୍ଡଳ,ଜଟିଆ ପ୍ରଧାନ,କ୍ରୀଷ୍ଣା ପ୍ରଧାନ,ଚୈତନ୍ୟ ପ୍ରଧାନ ରାମଚନ୍ଦ୍ର ଦାସ ସମେତ ବହୁ ଲୋକ କଂଗ୍ରେସ ଓ ବିଜେପି ଦଳ ପରିତ୍ୟାଗ କରି ବିଜେଡିର ଯୋଗ ଦେଇଥିଲେ। ଏହି ସଭାରେ ବିଜେଡିର ବ୍ଲକ ସଭାପତି ଦୀନବନ୍ଧୁ ଦାସ, ସୁଶାନ୍ତ କୁମାରବିଶ୍ୱାଳ, ଝଣ୍ଟୁ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ।

# ବିଜେଡିର ଲୋକସଭା ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁଙ୍କ ନାମାଙ୍କନପତ୍ର ଦାଖଲ

କେନ୍ଦୁଝର ,(ସ୍ୱପ୍ର)"କନ୍ଦୁଝର ସଂସଦୀୟ କ୍ଷେତ୍ର ପାଇଁ ବିଜୁ ଜନତା ଦଳର ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ ୩୦ମିନିଟ୍ ସମୟରେ ସ୍ଥାନୀୟ କାଳିପଡିଆରୁ ପାରମ୍ପରିକ ଆଦିବାସୀ ବାଦ୍ୟ, ନୃତ୍ୟର ଆକର୍ଷଣୀୟ ଆୟୋଜନ ଓ ଆନନ୍ଦ ଉଲ୍ଲାସ ମଧରେ ପଟୁଆରରେ ଆସି ପାର୍ଥିପତ୍ର ଦାଖଲ କରିଛନ୍ତ। ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଓ ସମର୍ଥକଙ୍କ ଗହଣରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରିଥିଲେ ଏବଂ ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ପହଞ୍ଚି ନିଜର ନାମାଙ୍କନ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେଛ ଉକ୍ତ କାର୍ଯ୍ୟକ୍ରମରେ ଘଷିପୁରା ପାର୍ଥୀବ ତଥା ପୂର୍ବତନ ମନ୍ତ୍ରୀ ପ୍ରଫେସର ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ପାର୍ଥୀ ସନାତନ ମହାକୁଡ଼, ତେଲକୋଇ ପ୍ରାର୍ଥୀ ଅଭିମନ୍ୟୁ ସେଠୀ,ସଦର ପ୍ରର୍ଥୀ ମୀନା ମାଝୀ ପାଟଣା ପ୍ରାର୍ଥୀ ଜଗନ୍ନାଥ ନାଏକ, କରଞ୍ଜିଆ ପ୍ରାର୍ଥୀ ବାସନ୍ତୀ ହେମ୍ବ୍ରମ, ଜିଲ୍ଲା ବିଜେଡି ସଭାପତି କୁଶ ପାଟ, ପୂର୍ବତନ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ରାଜ୍ୟ ଯୁବ ବିଜେଡି ଉପସଭାପତି ସୈମ୍ୟଶଙ୍କର ଚକ୍ର, ଜିଲ୍ଲା ପର୍ଯ୍ୟବେକ୍ଷକ ସଂଗ୍ରାମ ପାଇକରାୟ ସହ ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, କେନ୍ଦୁଝର ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭାପତି ସାଗରୀକା ସାହୁ, ଉପନଗରପାଳ ବରଦା ପ୍ରସନ୍ନ ଦାଶଙ୍କ ସମେତ ପଞ୍ଚାୟତ ଓ ବ୍ଲକ ସ୍ତରର ଦଳୀୟ ପଦାଧିକାରୀମାନେ ସାମିଲ ହୋଇଥିଲେ।

# ପୀଡ଼ିତାଙ୍କୁ ମିଳିଲା ସହଯୋଗର ହାତ

ଆଗରପଡ଼ା,(ସବ୍ୟୁ):ପୁରୁଷଣ୍ଡ ଗ୍ରାମର ଭାସ୍କର ବାରିକଙ୍କ ସାନବୋହୂ କିଡନୀ ରୋଗାକ୍ରାନ୍ତ ଥିବାର ଖବରପାଇ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ତାଙ୍କ ଘରେ ପହଂଚି ତାଙ୍କୁ ଉନ୍ନତମାନର ଚିକିତ୍ସା ପାଇଁ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିବାର ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ,ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ସରପଂଚ ପ୍ରକାଶ ବିଶ୍ୱାଳ, ଯୁବନେତା ଦୀପ୍ତିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ,ଭାସ୍କରଙ୍କ ପରିବାର ଅତ୍ୟନ୍ତ ଗରୀବଶ୍ରେଣୀର ହୋଇଥିବାରୁ ପୀଡ଼ିତାଙ୍କର ଉନ୍ନତ ଚିକିତ୍ସା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଥିଲା।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ନୀଳଗିରି,(ସବ୍ୟୁ) :ରାଜ୍ୟ ସରକାରଙ୍କ ଜନ କଲ୍ୟାଣମୂଳକ ଯୋଜନାର ବାର୍ତ୍ତା ବହନ କରି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ନୀଳଗିରି ବିଧାୟକ ସୁକାନ୍ତ ନାୟକ ଜଡ଼ିଦା ପଞ୍ଚାୟତ ଜାମୁଡିହି ଗ୍ରାମରେ ପହଞ୍ଚି ଶ୍ରୀ ନାୟକ ଘରକୁ ଘର ଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟ କରିବାକୁ ନିବେଦନ କରିଛନ୍ତି । ଗ୍ରାମଠୁଁ ସହର, ଧନୀଠୁଁଗରିବ ପର୍ଯ୍ୟନ୍ତ ପ୍ରତ୍ୟେକ ସମ୍ପ୍ରଦାୟର ଲୋକଙ୍କ ପାଇଁ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ପୁନର୍ବାର ଆଗାମୀ ଦିନରେ କିଭଳି ପାଇପାରିବେ ସେବାବଦରେ ଲୋକମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ଦଣ୍ଡପାଟ, ନାଏବ ସରପଞ୍ଚ ସୌମ୍ୟରଂଜନ ଶତପଥି, ପୂର୍ବତନ ସରପଞ୍ଚ ମାୟାଧର ମଡ଼େଇ, ସତ୍ୟବାନ ମଡେଇ, ରତ୍ନାକର ଦାସ, ରାମଚନ୍ଦ୍ର ସିଂ, ବିନୋଦ ମହାନ୍ତି, ମାନସ ସିଂ, ଇଶ୍ୱର ଖଣ୍ଡେଇ, ମମତା ଖଣ୍ଡେଇ, ଶିବଚନ୍ଦ୍ର ଖଣ୍ଡେଇ, ୱାର୍ଡସଭ୍ୟ ଗାୟତ୍ରୀ ମଡ଼େଇ, ଚୂଡ଼ାମଣି ମଡ଼େଇ, ପ୍ରଫୁଲ୍ଲ ଦଣ୍ଡପାଠ, ଶାନ୍ତିଲତା ମଡ଼େଇ, ଇଚ୍ଛାମଣି ମଡ଼େଇଙ୍କ ସମେତ ବହୁ ବିଜେଡ଼ି କର୍ମୀମାନେ ସାମିଲ ଥିଲେ ।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଏସ୍ପିଙ୍କୁ ଫେରାଦ

ଭଦ୍ରକ,(ସବ୍ୟୁ):ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧିନ ଭରସିଂହପୁର ଗ୍ରାମର ଜଣେ ମହିଳା ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ଗ୍ରାମର ଅନୁକୂଳ ଚନ୍ଦ୍ର ଦାସଙ୍କ ସ୍ତ୍ରୀ ମଞ୍ଜୁଲତା ଅଭିଯୋଗରେ ଦର୍ଶାଇଛନ୍ତି ଗତ ୨୫ ତାରିଖରେ ତାଙ୍କ ଗ୍ରାମରେ ଅଷ୍ଟମପ୍ରହରୀ ନାମ ସଂକୀର୍ତନ ଚାଲିଥିବା ବେଳେ ଲୋକମାନେ ଦାଣ୍ଡରେ ଖିଆପିଆ କରୁଥିଲେ। ଯାହାଦ୍ୱାରା ରାସ୍ତାରେ ପାଣି ଢାଳିହେବାରୁ ଓଦା ହୋଇଥିଲା। ଏହାକୁ ବିରୋଧ କରି ଉକ୍ତ ଗ୍ରାମର ଗଗନ ପାଳ ତାଙ୍କୁ ଗାଳିଗୁଲଜ କରିବା ସହ ଟଣା ଘୋଷରା କରି ଅର୍ଦ୍ଧ ଉଲଗ୍ନ କରିଦେଇଥିଲା। ଏଥିରେ ବିରୋଧ କରିବାରୁ ତାଙ୍କ ସ୍ୱାମୀ ଓ ତାଙ୍କୁ ଗଗନ ଓ ତାଙ୍କ ପରିବାର ପକ୍ଷରୁ ଆକ୍ରମଣ କରିବା ସହ ମଝି ଦାଣ୍ଡରେ ଉଲଗ୍ନ କରିଦେଇଥିଲେ ବୋଲି ଆଗରପଡ଼ା ଥାନାରେ ଅଭିଯୋଗ ହୋଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଆକ୍ରମଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ସହ ଗିରଫ କରିବା ପାଇଁ ଏସ୍ପିଙ୍କ ଠାରେ ମଞ୍ଜୁଲତା ଓ ତାଙ୍କ ପରିବାର ଗୁହାରି କରିଛନ୍ତି।

# ଟ୍ରେନରୁ ୨୧ ନାବାଳକ ଉଦ୍ଧାର

ବାଲେଶ୍ୱର,(ସବ୍ୟୁ) : ସୋମବାର ବିଳମ୍ବିତ ରାତିରେ ହାଓଡ଼ାରୁ ଭୁବନେଶ୍ୱର ଆସୁଥିବା ଏକ ଯାତ୍ରୀବାହୀ ଟ୍ରେନରୁ ୨୧ ଜଣ ନାବାଳକଙ୍କୁ ଉଦ୍ଧାର କରିଛି ବାଲେଶ୍ୱର ରେଳ ସୁରକ୍ଷା ବଳ (ଆରପିଏଫ୍)। ଉଦ୍ଧାର ହୋଇଥିବା ସମସ୍ତ ନାବାଳକ ସଂଖ୍ୟାଲଘୁ ସମ୍ପ୍ରଦାୟର।ସୂଚନା ଅନୁସାରେ, ରବିବାର ବିଳମ୍ବିତ ରାତିରେ ବିନା ଅଭିଭାବକରେ ଏତେ ସଂଖ୍ୟାରେ ନାବାଳକ ଏକାଠିହୋଇ ଟ୍ରେନରେ ଯାତ୍ରା କରୁଥିବା ଦେଖି କିଛି ଯାତ୍ରୀ ସନ୍ଦେହ କରିଥିଲେ ଏବଂ ସଙ୍ଗେସଙ୍ଗେ ରେଳ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଖଡ଼ଗପୁର ଷ୍ଟେସନ୍ ଅତିକ୍ରମ କରିବା ପରେ ଆରପିଏଫ୍ ଟିମ୍ ସମ୍ପୃକ୍ତ ନାବାଳକମାନେ ବସିଥିବା ବଗିରେ ଚଢ଼ କରି ସମସ୍ତଙ୍କୁ ନିଜ ହେପାଜତକୁ ନେଇଥିଲା। ରାତି ପ୍ରାୟ ସାଢ଼େ ୧୨ଟାରେ ଟ୍ରେନ୍ ବାଲେଶ୍ୱରରେ ପହଞ୍ଚିବା ପରେ ନାବାଳକମାନଙ୍କୁ ଷ୍ଟେସନରୁ ଓହ୍ଲାଇ ଉତ୍କଳ ବାଳାଶ୍ରମକୁ ନିଆଯାଇଥିଲା।ମଙ୍ଗଳବାର ପୂର୍ବାହ୍ନ ସାଢେ ୯ଟାରେ ଆର୍ପିଏଫ୍ ଟିମ୍ ପିଲାମାନଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛି। ପଚରାଉଚୁରା ବେଳେ ସେମାନେ ସମସ୍ତେ ବିହାର ଆରିହା ଜିଲ୍ଲାର ବୋଲି କହିଛନ୍ତି। ଯାଜପୁର ଜିଲ୍ଲା ବ୍ରହ୍ମବରଦାରେ ଥିବା ଏକ ମଦ୍ରାସାରେ ସେମାନେ ପାଠ ପଢୁଛନ୍ତି ଓ ଛୁଟି ସମୟରେ ସମସ୍ତେ ଘରକୁ ବୁଲି ଯାଇଥିବା ବେଳେ ସୋମବାରା ରାତିରେ ଟ୍ରେନରେ ଫେରୁଥିଲେ। ଅଧାବାଟରେ ସିଆର୍ପିଏଫ୍ ସେମାନଙ୍କୁ ଧରି ଏଠାକୁ ଆଣିଥିବା ସଂପୃକ୍ତ ନାବାଳକମାନେ କହିଛନ୍ତି। ତେବେ, କିଛି ପିଲାଙ୍କ ଉତ୍ତରରେ କେଣସି ତାଳମେଳ ନ ରହିବାରୁ ସିଡବ୍ଲୁସି ସଦସ୍ୟଙ୍କ ସନ୍ଦେହ ବିଥିଲା। ତେବେ, ନାବାଳକଙ୍କ ଅଭିଭାବକ ତଥା ସେମାନଙ୍କ ପରିବାର ସହ ଯୋଗାଯୋଗ ପାଇଁ ବିହାର ଆରିହା ଶିଶୁ ମଙ୍ଗଳ ସମିତିକୁ ଅବଗତ କରାଯାଇଛି। ତଥ୍ୟପ୍ରମାଣ ସହ ପିଲାମାନଙ୍କ ପରିଚୟ ମିଳିଲେ ବିହାରସ୍ଥିତ ସେମାନଙ୍କ ଘରକୁ ପଠାଯିବ ବୋଲି ବାଲେଶ୍ୱର ସିଡବ୍ଲୁସି ପକ୍ଷରୁ କୁହାଯାଇଛି।ସିଡବ୍ଲୁସି ଅଧ୍ୟକ୍ଷ ଡକ୍ଟର ମୃତ୍ୟୁଞ୍ଜୟ ପଣ୍ଡା, ସଦସ୍ୟ ଶତ୍ରୁଘ୍ନ ମଲ୍ଲିକ, ପ୍ରିୟରଞ୍ଜନ ମହାନ୍ତି ଓ ଅନିତା କରଙ୍କ ଉପସ୍ଥିତିରେ ଉଦ୍ଧାର ୨୧ ନାବାଳକଙ୍କୁ ଉତ୍କଳ ବାଳାଶ୍ରମ ଜିମା ଦିଆଯାଇଛି।

# ଲାଞ୍ଚ ମାମଲା : ପୂର୍ବତନ ନରେଗା ସହାୟକଙ୍କୁ ୪ ବର୍ଷ ଜେଲଦଣ୍ଡ

କେନ୍ଦୁଝର,(ସ୍ୱପ୍ର) : ଏକ ନିର୍ମାଣ କାମର କାର୍ଯ୍ୟାଦେଶ ପାଇଁ ୧୦,୦୦୦ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ପୂର୍ବତନ ନରେଗା ସହାୟକଙ୍କୁ ୪ ବର୍ଷ ଜେଲଦଣ୍ଡ ଓ ୨ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ।ମଙ୍ଗଳବାର ଦିନ ଏକ ମାମଲାର ଶୁଣାଣି କରି ସାହାରପଡ଼ା ବ୍ଲକ ପୂର୍ବତନ ନରେଗା ସହାୟକ ଲଳିତ ମହାନ୍ତଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ ମାସ ଜେଲ ଯିବାକୁ ପଡ଼ିବ ବୋଲି ରାୟ ଶୁଣାଇଛନ୍ତି।ମାମଲାର ବିବରଣୀରୁ ଜଣାଯାଏ ଯେ, ମନେରଗା ଯୋଜନାରେ ଅଭିଯୋଗକାରୀଙ୍କ ନାମରେ ଏକ କାର୍ଯ୍ୟାଦେଶ ଜାରି କରିବା ପାଇଁ ପୂର୍ବତନ ନରେଗା ସହାୟକ ଶ୍ରୀ ମହାନ୍ତ ୧୦,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଟଙ୍କା ଲାଞ୍ଚ ନେବା ବେଳେ ୨୦୧୬ ଫେବ୍ରୁଆରି ୨୬ ତାରିଖ ଦିନ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ମଙ୍ଗଳବାର ଦିନ ଶ୍ରୀ ମହାନ୍ତ ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହେଲା ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି।

# ପୂର୍ବତନ ବିଧାୟକ ଅରୁଣ ଦେଙ୍କ ଜନ୍ମଦିବସରେ ରକ୍ତଦାନ ଶିବିର



ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱରର ସାଧାରଣ ଜନତାଙ୍କ ସ୍ୱର ଥିଲେ ଭୂତପୂର୍ବ ବିଧାୟକ ତଥା ଶ୍ରମିକନେତା ଅରୁଣ ଦେ । ଅପ୍ରେଲ ୩୦ ତାରିଖ ପୂର୍ବାହ୍ନରେ ଅରୁଣ ଦେ (ଦାଦା) ସ୍ମୃତି ପରିଷଦ ଆନୁକୂଲ୍ୟରେ ଅରୁଣ ଦେଙ୍କର ୭୮ତମ ଜନ୍ମଦିବସ ପାଳନ ଅବସରରେ ଅତିଥି ତଥା ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀର ବିଜେଡ଼ି ସାଂସଦ ପ୍ରାର୍ଥୀ ଡକ୍ଟର ଲେଖାଶ୍ରୀ ସାମନ୍ତ ସିଂହାର ଓ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇଥିଲେ । ସ୍ୱର୍ଗତଃ ଦେ ନିଜର ରାଜନୈତିକ ଜୀବନରେ ଖଟିଖିଆ ମେହେନତି ମଣିଷ ମାନଙ୍କର ସ୍ୱାର୍ଥ ରକ୍ଷା ଲାଗି ସାଲିସ୍ ବିହୀନ ସଂଗ୍ରାମ ଜାରି ରଖିଥିଲେ । ଶ୍ରମିକ ଶ୍ରେଣୀର ମୁହଁରେ ହସ ଫୁଟାଇବା ଲାଗି ସେ ନିଜର ଅଧିକାଂଶ ସମୟ ବିତାଇ ଦେଇଥିଲେ । ତାଙ୍କର ଅବର୍ତ୍ତମାନରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ପୂରଣ କରିବା ଲାଗି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଆହ୍ୱାନ କରିଥିଲେ । ତେବେ ପରିଷଦ ତାଙ୍କର ଜନ୍ମଦିନକୁ ପାଳନ କରି ପୂଜ୍ୟପୂଜାକୁ ସମ୍ମାନ ଦେଇପାରିଛି ବୋଲି ଉଲ୍ଲେଖ କରି ବକ୍ତାମାନେ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ । ମଙ୍ଗଳବାର ପୂର୍ବାହ୍ନ ସମୟରେ ପରିଷଦର ମଲ୍ଲିକାଶପୁରସ୍ଥିତ କାର୍ଯ୍ୟାଳୟରେ ସ୍ୱର୍ଗତଃ ଦେ ଏବଂ ତାଙ୍କର ପିତା ସ୍ୱର୍ଗତଃ ଗୋଲକନାଥ ଦେଙ୍କ ପ୍ରତିମୂର୍ତ୍ତିରେ ସମୁହ ମାଲ୍ୟାର୍ପଣ କରାଯାଇଥିଲା । ପରେ ତାଙ୍କର ଶୁଭେଚ୍ଛୁ ଓ ପରିଷଦର ସଦସ୍ୟମାନେ ଏକ ବାଇକ୍ ରାଲିରେ ବାହାରି ସହର ପରିକ୍ରମା କରି ଓଟି ରୋଡ ପାର୍ଶ୍ୱସ୍ଥିତ ଦାଦାଙ୍କ ବ୍ରୋଞ୍ଜ ନିର୍ମିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲା ରକ୍ତ ଭଣ୍ଡାରରେ ଯୁବନେତା ବିଭୁଦତ୍ତ ପରିଡ଼ାଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରରୁ ୧୦୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଚଳିତବର୍ଷ ପରିଷଦ ପକ୍ଷରୁ ସର୍ବାଧିକ ଏକକାଳୀନ ରକ୍ତ ସଂଗୃହୀତ ହୋଇଥିବାରୁ ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ପରିଷଦକୁ ଏକ ସାର୍ଟିଫିକେଟ ଓ ମେଡ଼ାଲ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ପରିଷଦର ବରିଷ୍ଠ ଉପଦେଷ୍ଟା ରଂଜନ ବାଗ ପରିଚାଳନା କରିଥିବା ବେଳେ ପ୍ରଫେସର ଶତ୍ରୁଘନ ମଲ୍ଲିକ, ପୂର୍ବତନ କାଉନସିଲ ବିଶ୍ୱଜିତ ମହାପାତ୍ର, ଅନସୂୟା ନାୟକ, ବିନୋଦ ଜୀ, କବି ଶ୍ରୀଦେବ, ଅଭିଜିତ ଦାସ, କାଉନସିଲର ସନ୍ଧ୍ୟାରାଣୀ ଜେନା, ନାରୀନେତ୍ରୀ ରାଜଲକ୍ଷ୍ମୀ ଚାଟାର୍ଜୀ, ମଧୁସୂଦନ ମହାପାତ୍ର, ଅବସରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ଅଜୟ ମହାପାତ୍ର, ବିଶ୍ୱଜିତ ବେହେରା, ରଷିକେଶ ବେହେରା, ମନୋଜ ଗିରି, ହୃଷିକେଶ ବେହେରା, ତ୍ରିଲୋଚନ ବାରିକ, ଶରତ ଚନ୍ଦ୍ର ଦାସ, ଅନୁପ ଚାଟାର୍ଜୀ, ବୁଲା ପଣ୍ଡା, ଜୟନ୍ତ ମହାପାତ୍ର, ଭୋଳାନାଥ ବେହେରା, ଐଶ୍ୱର୍ଯ୍ୟ ସେନାପତି, ସୌଭାଗ୍ୟ ଖୁଣ୍ଟିଆ, ଦେବେନ୍ଦ୍ର ଦାସ, ରେମୁଣା ବ୍ଲକର ପୂର୍ବତନ ଚେୟାରମେନ ଗୋପୀନାଥ ସେନାପତି, କୁନ୍ଦନ ଦାସ, ରାଜେନ୍ଦ୍ର ମହାନ୍ତି, ଆଶିଷ ଦାଶଙ୍କ ସମେତ ବହୁ ଶୁଭେଚ୍ଛୁ ଓ କର୍ମୀମାନେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ ।

# ନୋସି ଉତ୍କଳାରେ ଫେସବୁକ କବିତା ଆସର, ସମ୍ବର୍ଦ୍ଧନା




ବାଲେଶ୍ୱର,(ସବ୍ୟୁ) :ନୋସି ଉତ୍କଳାରେ ସପ୍ତାହନ୍ତ ସାଂସ୍କୃତିକ ସଂଧ୍ୟାକୁ ପୁନଃ ପ୍ରଚଳନ ଆଭିମୁଖ୍ୟ ରଖି ନୋସି କଲଚୁରାଲ ଏକାଡେମୀ ତରଫରୁ ଚତୁର୍ଥ ଅର୍ଘ୍ୟରେ ଫେସ୍ବୁକ୍ କବିତା ଆସର ଓ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଛି । ଏହି ସଂଧ୍ୟାରେ ମୁଖ୍ୟ ଅତିଥିଭାବେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବହୁଭାଷୀ କବି ଡକ୍ଟର ରବିନାରାୟଣ ଦାଶ ଯୋଗଦେଇ ସ୍ୱିଡେନ୍ରେ ଥିବା ନୋବେଲ ଏକାଡେମୀର ସାହିତ୍ୟ ସଂଗ୍ରହାଳୟ ଓ କେତେକ ନୋବେଲ ପୁରସ୍କାର ପ୍ରାପ୍ତ ସାହିତ୍ୟିକଙ୍କ ଉପରେ ଆଲୋକପାତ କରିଥିଲେ । ଶିଳ୍ପୀ କେଶୁ ଦାସ ସମ୍ବର୍ଦ୍ଧନା ପର୍ବକୁ ପରିଚାଳନା କରିଥିବାବେଳେ କବିତା ଆସରକୁ ଏମ୍ସି ସତ୍ୟମ୍ ପରିଚାଳନା ଓ ରୁଦ୍ରପ୍ରସାଦ ଧଳ ଧନ୍ୟବାଦ ଅର୍ପଣ କରିଥିଲେ । କବି ଶାନ୍ତନୁ ପଟ୍ଟନାୟକ, ଗଗନ କୁମାର ସେଠୀ, ପ୍ରଭାକର ସାହୁ, ପ୍ରଣତୀ ମହାପାତ୍ର, ପ୍ରବୀର କୁମାର କମିଳା, ଅଜିମ ବାଲେଶ୍ୱରୀ, ସୁଧାକର ସେଠୀ, ସୁବ୍ରତା ମହାନ୍ତି, ତୃପ୍ତିରାଣୀ ପାତ୍ର, ରଣଜିତ ପୃଷ୍ଟି, ସେକ୍ ଇନାୟତ ଅଲ୍ଲୀ, ସୁନାମଣୀ ଜେନା, ସୁଶାନ୍ତ କୁମାର ପରିଡ଼ା ପ୍ରମୁଖ କବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ନିମନ୍ତ୍ରିତ କବି ପ୍ରଭାତ କୁମାର ଆଚାର୍ଯ୍ୟ ଓ ହରେକୃଷ୍ଣ ବେହେରା ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ । ଶିଶୁକବି ଭାବରେ ସ୍ୱରୂପାନନ୍ଦ ତ୍ରିପାଠୀ, ଆଦ୍ୟା ଭାର୍ଗବୀ ଓ ଜ୍ୟୋତିରଂଜନ ଜେନା ପ୍ରମୁଖ ମଧ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନୋସିର କାର୍ଯ୍ୟକର୍ତ୍ତା ପ୍ରଶାନ୍ତ ବେହେରା, ସୁନାରାମ ସିଂ, ରାଘବ ବିଶ୍ୱାଳ, ଶାଶଙ୍କ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



ହିଞ୍ଜିଳି ଆସନ ଲାଗି ନାମାଙ୍କନ ଦାଖଲ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ





ମୋହନା, ଚିକିଟିରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି କାର୍ତ୍ତିକ ପାଣ୍ଡିଆନ୍

### ଏକାମ୍ରରେ ବାବୁ ସିଂଙ୍କ ନିର୍ବାଚନ ପ୍ରଚାର

## ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ଯଥା ସମ୍ଭବ ପ୍ରଚେଷ୍ଟା ମୋର କର୍ତ୍ତବ୍ୟ

ଭୁବନେଶ୍ୱର (ସବ୍ୟୁ): ଦିନକୁ ଦିନ ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଜେପି ଶକ୍ତି ବୃଦ୍ଧି କରିବାରେ ଲାଗିଛି । ବିଜେପି କୁ ନିର୍ବାଚନ ମଣ୍ଡଳୀରେ ବିପୁଳ



ଜନସମର୍ଥନ ଦେଖିବାକୁ ମିଳୁଛି । ସୁନ୍ଦରପଦା କପିଳପ୍ରସାଦରେ ଆୟୋଜିତ ବିଶାଳ ପଦଯାତ୍ରା ରେ ହଜାର ହଜାର ସଂଖ୍ୟାରେ ଲୋକ ଯୋଗଦେଇଥିଲେ । ପଦଯାତ୍ରା ରେ ନିର୍ବାଚନ ମଣ୍ଡଳୀର ବିଜେପି କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ବେଶ ଉତ୍ସାହିତ ଥିଲେ । ପଦଯାତ୍ରା ରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଥିଲେଛପଦଯାତ୍ରା ରେ ବାବୁ ସିଂ ଓ ଅପରାଜିତା ଷଡ଼ଙ୍ଗୀ ଙ୍କୁ ବିଭିନ୍ନ ସ୍ଥାନରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଜନସାଧାରଣ। ଏହି ପରିପ୍ରେକ୍ଷୀରେ ବିଧାୟକ ପ୍ରାର୍ଥୀ ବାବୁ ସିଂ କହିଛନ୍ତି ଯେ, ନିର୍ବାଚନ କୁ ସମସ୍ତେ ରଣାଙ୍ଗନ କହୁଥିବା ବେଳେ ମୁଁ କହେ ଜନସାଧାରଣ ଙ୍କ ସେବାରେ ନିଜକୁ ନିୟୋଜିତ କରିବାର ମାଧ୍ୟମ। ଏଥର ଏକାମ୍ର ବାସୀ ବିଜେପିକୁ ସୁଯୋଗ ନିଶ୍ଚୟ ଦେବେ ବୋଲି ସଂକଳ୍ପ କଲେଣି । ମନରେ ଅନେକ ସଂକଳ୍ପ ନେଇ ମଇଦାନକୁ ଓହ୍ଲେଇଛି । ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ଯଥା ସମ୍ଭବ ପ୍ରଚେଷ୍ଟା– ମୋର କର୍ତ୍ତବ୍ୟ । ଜନସାଧାରଣଏକାମ୍ର ର୍ନିବାଚନ ମଣ୍ଡଳୀର ଅସ୍ମିତା ପାଇଁ ସ୍ୱାଭିମାନ ପାଇଁ ଲଢ଼େଇ ହେବ ଏଥରଛବିଶ୍ୱାସ ଅଛି ଏଥର ଏକାମ୍ର ରେ ବିଜେପି ବିପୁଳ ଭୋଟ ରେ ବିଜୟ ଲାଭ କରିବ ବୋଲି ଶ୍ରୀ ସିଂ କହିଛନ୍ତି । ଏହି ପଦଯାତ୍ରା ନାରୀନେତ୍ରୀ ରଶ୍ମି ମହାପାତ୍ର, ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, କର୍ପୋରେଟର ମଧୁସ୍ମିତା ପ୍ରଧାନ, ସୁନ୍ଦରପଦା କପିଳପ୍ରସାଦ ର ସମସ୍ତ ଗ୍ରାମ ବାସୀ ଓ ଦଳୀୟ ନେତୃବୃନ୍ଦ ଙ୍କ ସହ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଯୋଗଦେଇ ଏକାମ୍ର ରେ ପରିବର୍ତ୍ତନ ର ବାର୍ତ୍ତା ଦେଇଥିଲେ ।

## ପିଏନ୍‌ବି ପ୍ରବନ୍ଧକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର (ସବ୍ୟୁ): ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, କଟକ ମଣ୍ଡଳର ପ୍ରବନ୍ଧକ ପ୍ରକାଶ ସାହୁ ଚଳିତ ବର୍ଷ ଅପ୍ରେଲ ୩୦ ତାରିଖ ଦିନ ବ୍ୟାଙ୍କରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ଶ୍ରୀ ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା। ଜ୍ଞାପନ କରାଯାଇଥିଲା। ଶ୍ରୀ ସାହୁ ୨୬.୦୯.୧୯୯୦ ମସିହାରେ ନିଜ କର୍ମମୟ ଜୀବନ ଆରମ୍ଭ କରିଥିଲେ। ତାଙ୍କର ୩୩ ବର୍ଷର ବ୍ୟାଙ୍କିଙ୍ଗ୍ କ୍ୟାରିୟର ମଧ୍ୟରେ ସେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ଗ୍ରାହକଙ୍କ ପ୍ରିୟଭାଜନ ହୋଇପାରିଥିଲେ। ବିଦାୟୀ ସମ୍ବର୍ଦ୍ଧନା ଅବସରରେ ଉପସ୍ଥିତ ସମସ୍ତେ ଶ୍ରୀ ସାହୁଙ୍କର ସୁସ୍ଥ ଏବଂ ଦୀର୍ଘ ଜୀବନର କାମନା କରିଥିଲେ ।

## ଅମିତ ଶାହଙ୍କ ମିଥ୍ୟା ଭିଡିଓ ଭାଇରାଲ ନେଇ ସାଇବର ଥାନାରେ ଏତଲା

ଭୁବନେଶ୍ୱର (ସବ୍ୟୁ): ବିଜେଡି ଆଦିବାସୀ, କୃଷକ, ଦଳିତ ଓ ଓବିସି ବିରୋଧୀ ବୋଲି ଓଡ଼ିଶାବାସୀ ଜାଣିଛନ୍ତି । ପୂର୍ବରୁ ବିଜେଡି ଆଦିବାସୀଙ୍କ ଜମିକୁ ପୁଞ୍ଜିପତି ମାନଙ୍କୁ ବିକ୍ରି କରିବା ପାଇଁ ଚକ୍ରାନ୍ତ କରିଥିଲା ଯାହାକୁ ନେଇ ବିଜେପି ବିଧାନସଭାରେ ସ୍ୱର ଉଠାଇଥିଲା ଓ ବିଜେଡି ସରକାର ପଛକୁ ଘୁଞ୍ଚିଥିଲା । ଏବେ ପୁଣି ନିର୍ବାଚନ ସମୟରେ ବିଜେଡି ସରଳ ଆଦିବାସୀମାନଙ୍କ ମନରେ ବିଷ ଭରିବା ପାଇଁ ଚାହୁଁଛି। ବିଜୁ ଜନତା ଦଳର ନବରଙ୍ଗପୁରର ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝୀ ଏକ ନିର୍ବାଚନୀ ସଭାରେ ଗୃହମନ୍ତ୍ରୀ ଅମିତ ଶାହଙ୍କ ଏକ ନକଲି ଭିଡିଓ ଦେଖାଇ ବିଜେପିକୁ ଭୋଟ ନଦେବା ପାଇଁ କହୁଛନ୍ତି । ଏହା କେବଳ ଆଚରଣ ବିଧିର ଘୋର ଉଲଘଂନ ନୁହେଁ ବରଂ ଆଦିବାସୀମାନଙ୍କୁ ହିଂସା କରିବା ପାଇଁ ଉସକାଇବାର ଅପଚେଷ୍ଟା। ଜାତୀୟ ସ୍ତରରେ କଂଗ୍ରେସ ଦଳ ଓ ଓଡ଼ିଶାରେ ବିଜେଡି ବର୍ତ୍ତମାନ ଗୋଟିଏ ଡଙ୍ଗାରେ ବସି ଗୃହମନ୍ତ୍ରୀ ଅମିତ ଶାହଙ୍କର ନକଲି ଭିଡିଓ ନେଇ ଅପପ୍ରଚାର କରୁଛନ୍ତି । ଯେଉଁମାନେ ଏଭଳି ଶସ୍ତା ଏବଂ ମନ୍ଦ ଉପାୟରେ ରାଜନୀତି କରିବାକୁ ଯାଇ ଦେଶର ବାତାବରଣ ନଷ୍ଟ କରିବା ପାଇଁ ଷଡଯନ୍ତ୍ର କରୁଛନ୍ତି ସେମାନଙ୍କୁ ଗିରଫ କରିବା ଦାବିରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ବିଜେପିର ଏକ



ପ୍ରତିନିଧିମଣ୍ଡଳୀ ଆଜି ସାଇବର ଥାନାରେ ଏତଲା ଦେଇଛନ୍ତି । ଏହି ଅବସରରେ ରାଜ୍ୟ ସମ୍ପାଦକ କସ୍ତୁରୀ ମିଶ୍ର, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ଅନିଲ ବିଶ୍ୱାଳ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଥମ ଅଙ୍ଗଦାତା ଡାକ୍ତର ଜଗନ୍ନାଥଙ୍କ ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ

## ବଡ଼ଡାକ୍ତରଖାନା ଆନାଟୋମି ବିଭାଗରେ ଶ୍ରଦ୍ଧାଞ୍ଜଳି



କଟକ, (ସ୍ୱପ୍ର): ରାଜ୍ୟର ପ୍ରଥମ ଅଙ୍ଗଦାତା ବିଶିଷ୍ଟ ଜନସେବୀ ଶତାୟୁ ଡାକ୍ତର ଜଗନ୍ନାଥ ଦାସଙ୍କ ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକୀରେ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ବଡ଼ଚଣାର ପୂର୍ବତନ ବିଧାୟକ ଡାକ୍ତର ଦାସ ନିଜ ଶରୀର ଦାନ କରିଥିବା କଟକ ବଡ଼ଡାକ୍ତରଖାନାର ଶରୀରତତ୍ତ୍ୱ ବିଭାଗ ସଂଗ୍ରହାଳୟ ଠାରେ ମଙ୍ଗଳବାର ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଶରୀରତତ୍ତ୍ୱ ବିଭାଗର ସଂଗ୍ରହାଳୟଠାରେ ଥିବା ଡାକ୍ତର ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଡାକ୍ତର ଜଗନ୍ନାଥ ଦାସ ସ୍ମାରକୀ ଟ୍ରଷ୍ଟ ଓ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୁଳ ସ୍ଥିତ ବାଜିରାଉତ ଛାତ୍ରାବାସର ସଭାପତି ତଥା ବିଶିଷ୍ଟ ଗାନ୍ଧିବାଦୀ ଶୈଳଜ ରବି, କଟକ ବଡ଼ଡାକ୍ତରଖାନା ଶରୀରତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ଡାକ୍ତର ମନୋଜ କୁମାର ଦେହୁରୀ, ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଂପାଦକ ଜୟନ୍ତ ଦାସ, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟଦ ସଂଗଠନର ସାଧାରଣ ସଂପାଦକ ବିଜୟ କୁମାର ତ୍ରିପାଠୀ, ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ସର୍ବସେବା ସଂଘର ରାଷ୍ଟ୍ରୀୟ ସଂପାଦକ ଡ. ବିଶ୍ୱଜିତ, ସ୍ମାରକୀ ଟ୍ରଷ୍ଟର ସଭାପତି ତଥା ଡାକ୍ତର ଦାସଙ୍କ ଜ୍ୟେଷ୍ଠାକନ୍ୟା ଜୟଶ୍ରୀ ବିଜୟଲକ୍ଷ୍ମୀ ମହାନ୍ତି, କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳର ସଂପାଦକ ଲକ୍ଷ୍ମୀପ୍ରକାଶ ମହାପାତ୍ର, ରାଷ୍ଟ୍ରୀୟ ଯୁବା ସଂଗଠନର ସଂପାଦକ ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ମାରକୀ ଟ୍ରଷ୍ଟର ସଂପାଦକ ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ଅମ୍ବିକା ପ୍ରସାଦ ଦାସ କୃତଜ୍ଞତା ଜ୍ଞାପନ କରିଥିଲେ । କଟକ ବଡ଼ଡାକ୍ତରଖାନା ଶରୀରତତ୍ତ୍ୱ ବିଭାଗ ସଂଗ୍ରହାଳୟରେ ସଂରକ୍ଷିତ ଥିବା ଡାକ୍ତର ଦାସଙ୍କ ମରଶରୀର ଡାକ୍ତରୀ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ବେଶ୍ ସହାୟକ ହେଉଛି ।

## ଡାଟା କେନ୍ଦ୍ର ନିର୍ମାଣ କରିବ ଆଦାନୀକନେକ୍ସ

ଭୁବନେଶ୍ୱର: ଆଦାନୀ ଏରପ୍ରାଇଜେସ୍ ଏବଂ ଏଜ୍ କନେକ୍ସ ମିଳିତ ସମସହଭାଗିଦାର ( ୫୦:୫୦ ଅନୁପାତ) ଭାବରେ ଗଠିତ କମ୍ପାନୀ ଆଦାନୀକନେକ୍ସ, ୧.୪୪ ବିଲିୟନ ଡ଼ଲାରରେ ଭାରତର ସର୍ବ ବୃହତ ସ୍ଥିରତା–ସଂଯୁକ୍ତ ଡାଟା କେନ୍ଦ୍ର ନିର୍ମାଣପାଇଁ ଆର୍ଥିକ ସମର୍ଥନ ହାସଲ କରିଛି। ଏଥିପାଇଁ ଆଠଟି ଆନ୍ତର୍ଜାତୀୟ ଋଣଦାତା ଗୁଡ଼ିକ ଯଥା– ଆଇଏନଜି ବ୍ୟାଙ୍କ ଏନ.ଭି.,ଇନଟେସା ସାନପାଲୋ, କେଏଫଡବ୍ଲ୍ୟୁ ଆଇପେକ୍ସ, ଏମୟୁଏଫଜି ବ୍ୟାଙ୍କ ଲିଃ., ନେକଟିକ୍ସ, ଷ୍ଟାନଡାର୍ଡ ଚାର୍ଟର ବ୍ୟାଙ୍କ,ସୋସିଏଟ୍ ଜେନେରାଲ ଏବଂ ସୁମିଟୋମା ମିଟୁସି ବ୍ୟାଙ୍କିଙ୍ଗ କର୍ପୋରେସନ ସହିତ ନିର୍ଦ୍ଦିଷ୍ଟ ଚୁକ୍ତିନାମା କାର୍ଯ୍ୟକାରି କରିଛି ।

## ଗ୍ରାଣ୍ଡକ୍ୱିନ୍ସ କ୍ଲବ୍ ପକ୍ଷରୁ 'ଅଟିଜିମ୍ ଏକ ଆଓ୍ୱାଜ କାର୍ଯ୍ୟକ୍ରମର ସଫଳତା

ଭୁବନେଶ୍ୱର (ସବ୍ୟୁ): ଗ୍ରାଣ୍ଡକ୍ୱିନ୍ସ କ୍ଲବ ପକ୍ଷରୁ ଆରମ୍ଭ ହୋଇଥିବା 'ଅଟିଜିମ୍ ଏକ ଆଓ୍ୱାଜ' ଏକ ବଡ଼ ସଫଳତା ହାସଲ କରିଛି । ଗ୍ରାଣ୍ଡକ୍ୱିନ୍ସ କ୍ଲବ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କଠାରେ ଅଟିଜିମ୍ ପାଇଁ ପ୍ରାରମ୍ଭିକ ହସ୍ତକ୍ଷେପକୁ ପ୍ରୋତ୍ସାହିତ କରି ସମାଜରେ ସଚେତନତା ସୃଷ୍ଟି ରେ ସମଗ୍ର ବିଶ୍ୱରେ ୪୦୦ରୁ ଅଧିକ ମହିଳା ନେତ୍ରୀ ସଦସ୍ୟ ଅଛନ୍ତି । ମୁନମୁନ ସିଂହ ଓଡ଼ିଶାରେ ତିନିବର୍ଷରୁ ଅଧିକ ସମୟ ଧରି ଏହି ସଂଗଠନ କରି ଆସୁଛନ୍ତିଛି ଭୁବନେଶ୍ୱରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସେହିଁ ମେରୁଦଣ୍ଡ । ଏହି କାର୍ଯ୍ୟକ୍ରମରେ ୧୮ ଜଣ ଗ୍ରାଣ୍ଡକ୍ୱିନ୍ସଙ୍କୁ ଗ୍ରାଣ୍ଡକ୍ୱିନ୍ ଅଟିଜମ୍ ଆମ୍ବାସାଡର୍ସ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପଣ୍ଡା– ଉତ୍କଳ ହସ୍ପିଟାଲର ପରାମର୍ଶଦାତା ଶିଶୁ ରୋଗ ଯୋଗ ଦେଇଥିଲେ । କାର୍ଯ୍ୟକମ୍ରମରେ ଓଲିଉଡର ପ୍ରସିଦ୍ଧ କୋରିଓଗ୍ରାଫର ବିଦ୍ୟୁତ୍ ସେଠୀ, ଶାନ୍ତିଧାମ ଫାଉଣ୍ଡେସନର ଅଟିଷ୍ଟିକ୍ ପିଲାମାନଙ୍କର ନୃତ୍ୟ ପ୍ରଦର୍ଶନକୁ ଭୁରି ଭୁରି ପ୍ରଶଂସା କରିଥିଲେ ଏବଂ ଶାନ୍ତିଧାମ ଫାଉଣ୍ଡେସନର ପ୍ରତିଷ୍ଠାତା ଡ. ସୌଭାଗ୍ୟ ରାଉତରାୟଙ୍କୁ ତାଙ୍କର ଏ ନିରବଚ୍ଛିନ୍ନ



କରିବା । ପ୍ରଥମ ଅଲିମ୍ପିକ୍ସ ଏପ୍ରିଲ ୭ ତାରିଖରେ ହାଇଦ୍ରାବାଦରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଆ ଭାଷା ସଂସ୍କୃତି ଓ ସାହିତ୍ୟ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ଶାନ୍ତିଧାମ ଫାଉଣ୍ଡେସନର ପ୍ରତିଷ୍ଠାତା ଡ. ସୌଭାଗ୍ୟ ରାଉତରାୟ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ । ଡକ୍ଟର ସୌରଭ ସୁରେକା ଏବଂ ସାଂସଦ ରୂପା ସୁରେକାଙ୍କ ଦ୍ୱାରା ପରିଚାଳିତ ଗ୍ରାଣ୍ଡକ୍ୱିନ୍ସ କ୍ଲବ୍ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ବକ୍ତାମାନେ ଅମୂଲ୍ୟ ଜ୍ଞାନ ବାଣ୍ଟିବା ସହ ଅଟିଜିମ୍ ସଚେତନତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଅତିଥିଭାବେ ଆପୋଲୋ ହସ୍ପିଟାଲର ଏମ୍‌ଡି, ଡିଏମ୍, ବରିଷ୍ଠ ପରାମର୍ଶଦାତା ନ୍ୟୁରୋଲୋଜି ଡାକ୍ତର ଶୁଭ୍ରାଂଶୁ ଜେନା । ଡାକ୍ତର ଦେବାଶିଷ ପାଣିଗ୍ରାହୀ, ଡ. ପଲ୍ଲବୀ ରଣା– ଅକ୍ୟୁପେସନାଲ ସମ୍ ହସ୍ପିଟାଲର ଥେରାପିଷ୍ଟ ଓ ପରାମର୍ଶଦାତା ଡାକ୍ତର କାହ୍ନୁ ପ୍ରୟାସ ପାଇଁ ବହୁତ ଶୁଭେଚ୍ଛା ଜଣାଇଥିଲେ । ମାନସିକ ସ୍ୱାସ୍ଥ୍ୟ ଉପରେ ଡ. ରୋଜାଲିନ ପରିଡ଼ା ଓ ପ୍ରଖ୍ୟାତ ଶିଶୁ ମନୋବିଜ୍ଞାନୀ ରୀନା ଚୋପ୍ରାଙ୍କ ଦ୍ୱାରା ଦୁଇଟି ବିଶେଷ ଆଲୋଚନା କରାଯାଇଥିଲା । ହାଇଦ୍ରାବାଦର 'ମାଧବ ଅଟିଜମ୍ ଫାଉଣ୍ଡେସନ୍' ପକ୍ଷରୁ ପ୍ରସ୍ତୁତ ଏହି କାର୍ଯ୍ୟକ୍ରମରେ ଅଟିଷ୍ଟିକ୍ ଲୋକଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରତୀକ ଉନ୍ମୋଚନ କରାଯାଇଥିଲା ।

### ଦେବଗଡ଼ ବିଧାନସଭା ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

## କେନ୍ଦ୍ରୀୟ ଯୋଜନାକୁ ବିରୋଧ କ'ଣ ପାଇଁ ? : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରେୟ ନେଇଯିବା ଡରରେ ଅନେକ କେନ୍ଦ୍ରୀୟ ଯୋଜନାକୁ କାର୍ଯ୍ୟକାରୀ କରୁନାହାନ୍ତି ରାଜ୍ୟ ସରକାର । ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ କାରଣରୁ ଜାତୀୟ ରାଜପଥ ୫୫ର କାମ ଅଟକି ରହିଛି ବୋଲି ଦେବଗଡ଼ ବିଧାନସଭା ପ୍ରାର୍ଥୀ ସୁବାସ ପାଣିଗ୍ରାହୀଙ୍କ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟକ୍ରମରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।



ଶ୍ରୀ ପ୍ରଧାନ କହିଛନ୍ତି, ଜାତୀୟ ରାଜପଥ ୫୩ର କାମ ସରିଛି । ଜାତୀୟ ରାଜପଥ ୫୫ର ୯୦ ପ୍ରତିଶତ କାମ ଶେଷ ହୋଇଛି । ଆଉ ଯାହା କାମ ବାକି ରହିଛି ତାହା ରାଜ୍ୟ ସରକାରଙ୍କ ଅସହଯୋଗ କାରଣରୁ ହୋଇପାରୁନି । ରାଜ୍ୟ ସରକାର ଜାଣିଶୁଣି ଜମି ଅଧିଗ୍ରହଣ ବିଳମ୍ବ କରୁଛନ୍ତି । ଓଡ଼ିଶାକୁ ଯାହା ସବୁ କେନ୍ଦ୍ରୀୟ ଯୋଜନା ଆସୁଛି, ସେସବୁକୁ ମୁଖ୍ୟମନ୍ତ୍ରୀ ବିରୋଧ କରୁଛନ୍ତି । ଲଜିଷ୍ଟିକ ପାର୍କ ଓ ୱାଟର ୱେ କାର୍ଯ୍ୟ ମଧ୍ୟ ଥିବା କଥା ଦୋହରାଇଛନ୍ତି ଶ୍ରୀ ପ୍ରଧାନ । ବ୍ରାହ୍ମଣୀ ନଦୀ ଅବବାହିକାରେ ୱାଟର ୱେ କାମ ଧାମରାରୁ ପାରାଦୀପ ଦେଇ ତାଳଚେର ପର୍ଯ୍ୟନ୍ତ ଚାଲିଛି । ଏହାକୁ ବାରକୋଟ ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବ । ରାଜ୍ୟରେ ଡବଲ ଇଞ୍ଜିନ ସରକାର ହେଲେ ସମସ୍ତ କାମ ସହଜ ହୋଇଯିବ । ରାଜସ୍ୱ ବିଭାଗ ପକ୍ଷରୁ ଜମି ଅନୁମୋଦନ କରାଇ କାମ ଶେଷ କରାଯିବ ବୋଲି କହିଛନ୍ତି ଶ୍ରୀ ପ୍ରଧାନ । ଦେବଗଡ଼ ବିଧାନସଭା ପ୍ରାର୍ଥୀ ସୁବାସ ପାଣିଗ୍ରାହୀ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ । ଦେବଗଡ଼ବାସୀ ମୋଦୀ ଗ୍ୟାରେଣ୍ଟି ଉପରେ ଭରସା କରି ରାଜ୍ୟରେ ସରକାର ବଦଳାଇବାକୁ ନିଷ୍ପତ୍ତି ନେଇସାରିଛନ୍ତି । ରାଜ୍ୟର ଦୁର୍ନୀତିଗ୍ରସ୍ତ ବିଜେଡି ସରକାରକୁ ବଦଳାଇ ଏକ ପ୍ରଗତିଶୀଳ ନରେନ୍ଦ୍ର ମୋଦୀଙ୍କ ଡବଲ ଇଞ୍ଜିନ ସରକାର ଆଣିବା ପାଇଁ ମନସ୍ଥ କରିଛନ୍ତି । ଏହି ନିର୍ବାଚନରେ ଦୁଇଟି ପଦ୍ମଫୁଲରେ ଭୋଟ ଦେଇ ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ଆଣିବାକୁ ଲୋକଙ୍କୁ ସେ ନିବେଦନ କରିଛନ୍ତି । ନାମାଙ୍କନ ଦାଖଲ କାର୍ଯ୍ୟକ୍ରମ ପୂର୍ବରୁ ପୁରୁଣାଗଡ଼ ସ୍ଥିତ ଜଗନ୍ନାଥ ମନ୍ଦିରରେ ବଡ଼ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ ଶ୍ରୀ ପ୍ରଧାନ ।

## ଶାନ୍ତି ମହିଳା ୱାର୍କସ କ୍ଲବ୍ ପକ୍ଷରୁ ଜଳସେବା



କଟକ, (ସ୍ୱପ୍ର) : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ସ୍ୱେଚ୍ଛାସେବୀ ମହିଳା ସଙ୍ଗଠନ ଶାନ୍ତି ମହିଳା ୱାର୍କସ କ୍ଲବ୍ ପକ୍ଷରୁ ସ୍ଥାନୀୟ ବାଦାମବାଡି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏକ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଜଳଛତ୍ରକୁ ୪୩ନଂ ୱାର୍ଡ କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ପ୍ରଫେସର ଡାକ୍ତର ନିରଞ୍ଜନ ତ୍ରିପାଠୀ, ପ୍ରଫେସର ମହୀଜା ଦଳବେହେରା ଉଦ୍‌ଘାଟନ କରି ଶାନ୍ତି ୱାର୍କସ କ୍ଲବ୍‌ର କାର୍ଯ୍ୟକର୍ତ୍ତାଙ୍କୁ ଏପରି ମହତ କାର୍ଯ୍ୟ ପାଇଁ ସାଧୁବାଦ ଜଣାଇଥିଲେ । କ୍ଲବ୍‌ର ସଦସ୍ୟମାନେ ରାସ୍ତାରେ ଯାତାୟତ କରୁଥିବା ଶତାଧିକ ପଥଚାରୀମାନଙ୍କୁ ଦହି ମିଶ୍ରିତ ପଣା ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଭୟ କୁମାର ସାହୁ, କ୍ଲବ୍‌ର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷଙ୍କ ସମେତ ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ପଣା ବଣ୍ଟନ କରିଥିଲେ ।

## କେବିସି ଗ୍ଲୋବାଲ ଲିମିଟେଡର ଅଂଶ ଖରିଦ କଲା ମିନର୍ଭା ଭେଞ୍ଚର୍ସ ଫଣ୍ଡ

ଭୁବନେଶ୍ୱର (ସବ୍ୟୁ): ଆମେରିକାସ୍ଥିତ ମିନର୍ଭା ଭେଞ୍ଚର୍ସ ଫଣ୍ଡ ନିର୍ମାଣ ଏବଂ ରିଅଲ ଇଷ୍ଟେଟ ବିକାଶ କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା କେବିସି ଗ୍ଲୋବାଲ ଲିମିଟେଡ (ପୂର୍ବରୁ କାର୍ଡା କନଷ୍ଟ୍ରକସନ ଲିମିଟେଡ ନାମରେ ପରିଚିତ ଥିବା) ବିଏସଇ–୫୪୧୧୬୧ର ଅଂଶ ଖରିଦ କରିଛି । ଏପ୍ରିଲ ୨୬ ତାରିଖରେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜରେ ଉପଲବ୍ଧ ବଲକ କାରବାର ଚୁକ୍ତି ତଥ୍ୟ ଅନୁଯାୟୀ ମିନର୍ଭା ଭେଞ୍ଚର୍ସ ଫଣ୍ଡ କେବିସି ଗ୍ଲୋବାଲ ଲିମିଟେଡର ୧% ଇକ୍ୱିଟି (୧ କୋଟି ସେୟାର)କୁ ସେୟାର ପିଛା ୨.୦୫ ଟଙ୍କାରେ କ୍ରୟ କରିଛି। କମ୍ପାନୀ ମଧ୍ୟ ଉଭୟ ଘରୋଇ ଏବଂ ଆନ୍ତର୍ଜାତିକ ବଜାରରେ ସମ୍ପ୍ରସାରଣ ନିମନ୍ତେ ଏକ ରଣକୌଶଳାତ୍ମକ ଯୋଜନା ଘୋଷଣା କରିଛି। ଗୁଡିପଡୱା ଅବସରରେ କମ୍ପାନୀ ସଫଳତାର ସହିତ ମହାରାଷ୍ଟ୍ରର ନାସିକସ୍ଥିତ କର୍ମଯୋଗୀ ନଗରଠାରେ ଅବସ୍ଥିତ ଏକ ଆବାସିକ ତଥା ବ୍ୟବସାୟିକ ପ୍ରକଳ୍ପ ହରିକୁ ମେଫ୍ଲାୱର (ମହାରେରା ପଞ୍ଜିକୃତ ନମ୍ବର ପି୫୧୬୦୦୦୨୦୨୪୯)ର ୫୪ଟି ୟୁନିଟ ଦଖଲ ହସ୍ତାନ୍ତର ସଫଳତାର ସହିତ ସମ୍ପୂର୍ଣ୍ଣ କରିଛି । ୨୦୨୪ ଏପ୍ରିଲରେ କମ୍ପାନୀର ବୋର୍ଡ ଅଫ ଡାଇରେକ୍ଟର୍ସ ଏଫସିସି ଇସ୍ୟୁର ସର୍ତ୍ତାବଳୀ ଅନୁଯାୟୀ ୬୦ଟି ବଣ୍ଡକୁ ଇକ୍ୱିଟି ସେୟାରରେ ରୂପାନ୍ତରଣ ବିଷୟ ବିଚାର କରିବା ସହିତ ତାହାକୁ ଅନୁମୋଦନ କରିଥିଲେ।

KARDA CONSTRUCTIONS BUILDERS & DEVELOPERS

